# Akashvani, Sambalpur

# SAMBALPURI NEWS BULLETIN

## 22 January 2025- 6.47- 6.52 am.

*************************************************

ପରିପୁରକ ପୁଷ୍ଟି କାର୍ଯ୍ୟକ୍ରମ ସାହାଜ୍ ବୃଦ୍ଧି I&PR

ରାଜ୍ୟ ସରକାର୍ ପରିପୁରକ ପୁଷ୍ଟି କାର୍ଯ୍ୟକ୍ରମ୍-ଏସ୍ଏନ୍ପିଥି ଚାଉଲ୍, ଗହମ୍ ବାଗିର୍ ଶସ୍ୟ ପରିବହନ୍ ଲାଗି କୁଇଂଟାଲ୍ ପିଛା ସର୍ବାଧିକ୍ ଦାମ୍ ୭୫ ଟଙ୍କାନୁ ଦେଢ଼ଶହ ଟଙ୍କାକେ ବଢ଼େଇଛନ୍ । ଇ ବାବଦ୍ ଗୁଟେ ପ୍ରସ୍ତାବ୍କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ୍ କରିଛନ୍ ବଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ତର୍ଫୁ ସୂଚ୍ନା ଦିଆଯାଇଛେ । ଜରୁରୀ କଥା ହେଲା, ଇହାଦେ ଇ ପରିବହନ୍ଥି ଲାଗିଥିବା ଏଜେଂଟମାନେ ବଢ଼୍ତି ଦର୍ ଦାବି କରି ନାଇପାରନ୍ । ନୂଆକରି ନିୟୋଜିତ୍ ହେବାର୍କେ ଥିବା ଏଜେଂଟମାନେ ଖାଲି ଇଟା ପାଇପାର୍ବେ ।

ପେନ୍ସ, ଲେମ୍ପସ୍କେ ସାହାଜ୍ I&PR

ରାଏଜେ ନୂଆକରି ଗଠିତ୍ ୧ ହଜାର ୫ ଶହ ୪୨ଟା ପ୍ରାଥମିକ କୃଷି ସମବାୟ ସମିତି-ପେକ୍ସ ଆର୍ ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି-ଲେମ୍ପସ୍‌କେ କାର୍ଯ୍ୟକ୍ଷମ୍ କର୍‌ବାର୍ ଲାଗି ରାଜ୍ୟ ସରକାର ୫ ଲାଖ୍ ଟଙ୍କା ଲେଖା ମୂଲ୍‌ଧନ୍ ଯୁଗେଇଦେବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇ ବାବଦ୍ ଗୁଟେ ପ୍ରସ୍ତାବ୍‌କେ ଗଲାକାଏଲ୍ ଅନୁମୋଦନ୍ କରିଛନ୍ । ସରକାର ଇଥିର୍‌ଲାଗି ୭୬ କୋଟି ୮୦ ଲାଖ୍ ଟଙ୍କା ଖର୍ଚ୍ଚା କର୍‌ବେ ବଲି ଜନାପଡ଼ିଛେ ।

## ପାଚିକା ସାହାଜ୍ ବୃଦ୍ଧି I&PR

ପିଏମ୍ ପୋଷଣ୍ ଯୋଜ୍‌ନା ଅଧିନ୍ ମଧ୍ୟାହ୍ନ ଭୋଜନ୍ କାର୍ଯ୍ୟକ୍ରମଥି କାମ୍ କରୁଥିବା ପାଚିକାମାନଙ୍କର ମାସିକ୍ ପାରିଶ୍ରମିକ୍‌କେ ରାଜ୍ୟ ସର୍‌କାର ୨ ହଜାର ଟଙ୍କାନୁ ୩ ହଜାରକେ ବଢ଼େଇଛନ୍ । ଇଥି ରାଏଜର୍ ୧ ଲାଖ୍ ୧୨ ହଜାର୍ ୯୦ ଝନ୍ ପାଚିକା ଲାଭ୍ ପାଏବେ । ଇଥିର୍ ଲାଗି ରାଜ୍ୟ ସରକାରଙ୍କୁ ବଛର୍‌କୁ ଅଏତ୍‌କା ଶହେ ୧୨ କୋଟି ୯ ଲାଖ୍ ଖର୍ଚ୍ଚା କର୍‌ବାର୍‌କେ ପଡ଼ବା ବଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫୁ ସୂଚ୍‌ନା ମିଳିଲେ ।

ବିଧାନ ସଭା ବଜେଟ୍ ଅଧିବେଶନ-       ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟ ବିଧାନସଭାର୍ ୧୭ ନମ୍ବର୍ ବଜେଟ୍ ଅଧିବେଶନ୍ ଫେବୃୟାରୀ ୧୩ ତାରିଖ୍ନୁ ମୁଲ୍ ହେବା । ଅଧିବେଶନ୍ର ପହେଲା ଦିନେ ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍ପାଟି ଅଭିଭାଷଣ ରଖିବେ । ଦୁଇଟା ଖେପେ ହେବାର୍କେ ଥିବା ଅଧିବେଶନ୍ଥି ୨୮ଟା କାର୍ଯ୍ୟଦିବସ୍ ରହେବା । ପହେଲା ଖେପ୍ ଫେବୃୟାରୀ ୧୩ନୁ ୨୧ ତାରିଖ୍ ତକ୍ ଆଉ ଦୁଇ ନମ୍ବର୍ ଖେପ୍ ମାର୍ଚ୍ଚ ୭ନୁ ଏପ୍ରିଲ୍ ୫ ତାରିଖ୍ ତକ୍ ଚାଲ୍ବା । ଫେବୃୟାରୀ ୧୭ ତାରିଖ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ କର୍ବେ ।

ସୁଭଦ୍ରା ଯୋଜ୍ନା          ଆର୍ଏନ୍ୟୁ/ କଟକ୍

ରାଜ୍ୟ ବାହାରେ ଥିବା ଯୋଗ୍ୟ ମହିଳା ହିତାଧିକାରୀମାନେ ଭିଲ୍ ସୁଭଦ୍ରା ଯୋଜ୍ନାର୍ ସହାୟତା ପାଇପାର୍ବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସୁଭଦ୍ରା ଯୋଜ୍ନାର୍ ଜିଲ୍ଲା ୱାରି ସମୀକ୍ଷା କରିକରି ଶ୍ରୀମତୀ

ପରିଡ଼ା ଯେନ୍‌ମାନେ ସୁଭଦ୍ରା ଯୋଜ୍‌ନାର୍ ଲାଗି ଆବେଦନ୍ ନାଇଁ କରି ସେମାନ୍‌କୁ ଜଲ୍‌ଦି ଆବେଦନ୍ କର୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।
(ଭଏସ୍-ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା)

କେନ୍ଦ୍ରମନ୍ତ୍ରୀ-ଏମ୍‌ବିଏ ଓଡ଼ିଆ ବହି ପି.ଆଇ.ବି.

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭୁବ୍‌ନେଶ୍ୱର୍ ଠାନେ ଏ.ଆଇ.ସି.ଟି.ଇ. ଇଣ୍ଡିଆ ସହଯୋଗ୍‌ଥି ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ - ଇଗ୍ନୋ ର ଏମ୍‌ବିଏ ପାଠ୍ୟକ୍ରମ ଲାଗି ଓଡ଼ିଆ ବହି ଗଲାକାଏଲ୍ ଉନ୍ମୋଚନ୍ କରିଛନ୍ । ଓଡ଼ିଶାର୍ ଉଚ୍ଚଶିକ୍ଷା ଆର୍ ବୈଷୟିକ ଶିକ୍ଷା କ୍ଷେତ୍ର୍‌ଥି ଆଏଜ୍ ଗୁଟେ ନୂଆଁ ଅଧ୍ୟାୟ ଜୁଡ଼ି ହେଲା ବଲି ଇ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ ।

ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀ ପିଆଇବି

କେନ୍ଦ୍ର କୋଇଲା ଆର୍ ଖଣି ମନ୍ତ୍ରଣାଳୟ ତର୍‌ଫୁ କୋଣାର୍କଠାନେ ଚାଲିଥିବା ଖଣି ମନ୍ତ୍ରୀମାନଙ୍କର ଜାତୀୟ ସମ୍ମିଳନୀ ଗଲାକାଏଲ୍

ଉଦ୍ଯାପିତ୍ ହେଇଯାଇଛେ । ଦୁଇଦିନିଆ ସମ୍ମିଳନୀଥି ଖଣି ମନ୍ତ୍ରୀମାନଙ୍କର ଦ୍ୱାରା ନିଜର୍ ରାଏଜର୍ ଖଣି ବାବଦ୍ ତଥ୍ୟ ଉପସ୍ଥାପନ୍, ସେମାନଙ୍କର୍ ନିଲାମ୍ ପ୍ରକ୍ରିୟା, ଭିନ୍ ଭିନ୍ ନୂଆ ଅଭ୍ୟାସ୍, ସ୍ୱଚ୍ଛତା ଆର୍ ଦକ୍ଷତା ସୁନିଶ୍ଚିତ୍ କର୍ବାର ସହେତେ ସମ୍ବଲର୍ ସର୍ବାଧିକ୍ ବେଭାର୍ ଦିଗେ ରଣନୀତି ପ୍ରଦର୍ଶିତ କରାଯାଇଥିଲା । ଇ ଅବ୍ସରେ କେନ୍ଦ୍ର ଖଣି ମନ୍ତ୍ରୀ ଜି କିଶନ୍ ରେଡ୍ଡି ଗ୍ରାମାଂଚଲ୍ ଆର୍ ଅର୍ଦ୍ଧସହରାଂଚଲ୍‌ନ ନିଯୁକ୍ତି ସୁଯୋଗ୍ ସୃଷ୍ଟି କର୍ବାର୍‌କେ ଖଣି କ୍ଷେତ୍ରର୍ ବଡ଼୍ ଭୂମିକା ରହିଛେ ବଲି କହିଛନ୍ ।

ରାଜ୍ୟ ଜାତୀୟ ସେବା ପୁରସ୍କାର୍ I&PR

ଉଚ୍ଚ ଶିକ୍ଷା ବିଭାଗ୍ ତର୍ଫୁ ଗଲାକାଏଲ୍ ରାଜ୍ୟ ଜାତୀୟ ସେବା ଯୋଜ୍‌ନା-ଏନ୍‌ଏସ୍‌ଏସ୍ ପୁରସ୍କାର୍ ବିତରଣ ସମାରୋହ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ୨୦୨୩-୨୪ ବଛର୍‌ଥି ବଲିଷ୍ଠ ସେବା ଲାଗି ୨୦ ଝନ୍‌ଙ୍କୁ ରାଜ୍ୟ ଜାତୀୟ ସେବା ଯୋଜ୍‌ନା ପୁରସ୍କାର୍ ଦିଆଯାଇଛେ । ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ବିକଶିତ୍ ଓଡ଼ିଶା, ସ୍ୱପ୍ନର୍ ଓଡ଼ିଶା ଗଠନ୍ ଦିଗେ ସଶକ୍ତ ଯୁବନେତୃତ୍ୱ ଭୂମିକା ବାବ୍‌ଦେ କହିଥିଲେ ।

ସାଧାରଣତନ୍ତ୍ର ଦିବସ ପରେଡ୍ ନିମନ୍ତ୍ରଣ   ଆର୍‌ଏନ୍‌ୟୁ /ସମ୍ବଲପୁର

ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ୍ ସମାରୋହଥି ଯୋଗ୍‌ଦେବାର୍ ଲାଗି ସମ୍ବଲପୁରର ଝୁଝୁମୁରା ବ୍ଲକ୍ ବଡ଼ତୁରା ଗାଁର୍ ମହିଳା ବୁଣାକାର ଡିଲେଶ୍ୱରୀ ମେହେରଙ୍କୁ କେନ୍ଦ୍ର ସରକାର ଖାସ୍ କୁନୁଆଁ ଭାବେ ନିଉତା ଦେଇଛନ୍ । ଇ ବଛର୍ ରାଜ୍ୟ ବୟନଶିଳ୍ପ ବିଭାଗ୍ ତର୍‌ଫୁ ରାଜ୍ୟର୍ ୩ ଝନ୍ ମହିଲାଙ୍କୁ ସମାରୋହଥି ଯୋଗ୍ ଦେବାର୍ ଲାଗି ନିଉତା ଆସିଛେ ।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା କୃଷି ବିଭାଗ୍ ତର୍‌ଫୁ ପ୍ରଧାନ୍‌ପାଟ୍ ବଡ଼ବଗିଚା ଠାନେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆର୍ କୃଷି ମହୋତ୍ସବ୍ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖିଆ କୁନୁଆଁ ଭାବେ ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ୍ ରେବେକା ବିଲୁଙ୍ଗ, କୃଷି ଆର୍ ଉଦ୍ୟାନ୍ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗଠୁ ଆଏଜ୍ ସଞ୍ଝର୍ ୬ ବଜେ ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଆର୍ ଦିଲ୍ଲୀ ଏସ୍‌ଜି ପାଇପର୍ସ ଭିତ୍‌ରେ ମେଚ୍ ହେବା ।

ସେଆଡ଼େ ପୁରୁଷ ବର୍ଗଠୁ ଆଏଜ୍ ରାତି ୮ ବାଜିକରି ୧୫ ମିନିଟ୍‌ଠୁ ଦିଲ୍ଲୀ ଏସ୍.ଜି. ପାଇପର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ମେଚ୍ ହେବା । ଦୁହିଟା ଯାକ ମେଚ୍ ଝାର୍‌ଖଣ୍ଡ୍‌ର ରାଂଚି ନ ଖେଲାଯିବା ।

ଗଲାକାଏଲ୍ ହେଇଥିବା ମହିଳା ବର୍ଗ ମେଚ୍‌ଠୁ ଓଡ଼ିଶା ୱାରିୟର୍ସ ଦଲ୍ ପେନାଲ୍‌ଟି ଶୁଟ୍‌ଆଉଟ୍‌ଠୁ ୨-୦ ଗୋଲ୍ ଦେଇକରି ସୁର୍‌ମା ହକି କ୍ଲବ୍‌କେ ହରେଇଛେ । ପୁରୁଷ ବର୍ଗଠୁ ୟୁପି ରୁଦ୍ରାସ୍ ଦଲ୍ ୨-୦ ଗୋଲ୍‌ଠୁ ଟିମ୍ ଗୋନାସିକାକେ ହରେଇଛେ ।